# NATIONAL NEWS BULLETIN (ODIA)

**5 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ହେଉଛି ଧର୍ମର ଆଶୀର୍ବାଦଯୁକ୍ତ ଭୂମି ଏବଂ ପ୍ରତ୍ୟେକ ଯୁଗରେ ମହାନ୍ ଗୁରୁ ଓ ବିସ୍ମୟ ବ୍ୟକ୍ତିମାନେ ଏଠାରେ ଜନ୍ମଲାଭ କରିଛନ୍ତି, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ସମସ୍ତ ଘରୋଇ ସମ୍ପତ୍ତି 'ସଂପ୍ରଦାୟର ମୌଳିକ ସମ୍ବଳ'ର ଅଂଶ ନୁହେଁ ବୋଲି କହିଲେ ସୁପ୍ରିମକୋର୍ଟ

- ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏକାଧିକ ର୍‍ୟାଲିକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

- ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରୁ ମତଦାନ ଆରମ୍ଭ

ଏବଂ

- ଦେଶର ବିଭିନ୍ନ ସ୍ଥାନରେ ଆଜିଠାରୁ ଆରମ୍ଭ ହୋଇଛି ଛଟ୍‌ପର୍ବ ।

---

## ରାଷ୍ଟ୍ରପତି-ବୌଦ୍ଧ ସମ୍ମିଳନୀ

ଭାରତ ହେଉଛି ଧର୍ମର ଆଶୀର୍ବାଦଯୁକ୍ତ ଭୂମି ଏବଂ ପ୍ରତ୍ୟେକ ଯୁଗରେ ମହାନ୍ ଗୁରୁ ଓ ବିସ୍ମୟ ବ୍ୟକ୍ତିମାନେ ଜନ୍ମଲାଭ କରିଛନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ପ୍ରଥମ ଏସୀୟ

ବୌଦ୍ଧ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଏହି ପଥପ୍ରଦର୍ଶକମାନଙ୍କ ମଧ୍ୟରେ ବୁଦ୍ଧଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବୁଦ୍ଧଗୟାରେ ବୋଧିବୃକ୍ଷ ତଳେ ସିଦ୍ଧାର୍ଥ ଗୌତମଙ୍କର ଜ୍ଞାନପ୍ରାପ୍ତି ଇତିହାସରେ ଏକ ଅତୁଳନୀୟ ଘଟଣା । ରାଷ୍ଟ୍ରପତି କହିଛନ୍ତି, ଆଜି ଯେତେବେଳେ ବିଶ୍ୱ ଅନେକ କ୍ଷେତ୍ରରେ ଅସ୍ତିତ୍ୱ ସଂକଟର ସମ୍ମୁଖୀନ ହେଉଛି, ବୌଦ୍ଧ ସଂପ୍ରଦାୟ ପାଖରେ ମାନବ ଜାତିକୁ ପ୍ରଦାନ କରିବା ପାଇଁ ବହୁତ କିଛି ଅଛି । ଏସିଆକୁ ସୁଦୃଢ଼ କରିବାରେ ବୌଦ୍ଧଧର୍ମର ଭୂମିକା ଏବଂ ଏହା କିପରି ଏସିଆ ତଥା ବିଶ୍ୱରେ ପ୍ରକୃତ ଶାନ୍ତି ଆଣିପାରିବ, ସେ ବିଷୟରେ ଆଜି ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ବୌଦ୍ଧଧର୍ମର ସାର ବାର୍ତ୍ତା ହେଉଛି– ଶାନ୍ତି ଓ ଅହିଂସା । ବିଶ୍ୱ ଆଜି ଆବଶ୍ୟକ କରୁଥିବା ସହାନୁଭୂତି ଉପରେ ଆଲୋକପାତ କରିଥିଲେ । ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘର ସହଯୋଗରେ ବୌଦ୍ଧଧର୍ମକୁ ସମ୍ମାନିତ କରିବା ପାଇଁ ସଂସ୍କୃତି ମନ୍ତ୍ରଣାଳୟ **ଏସିଆକୁ ସୁଦୃଢ଼ କରିବାରେ ବୌଦ୍ଧଧର୍ମର ଭୂମିକା** ବିଷୟବସ୍ତୁକୁ ନେଇ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରିଛି ।

## ସୁପ୍ରିମକୋର୍ଟ–ଘରୋଇ ସମ୍ପତ୍ତି

ସମସ୍ତ ଘରୋଇ ସମ୍ପତ୍ତି 'ସଂପ୍ରଦାୟର ମୌଳିକ ସମ୍ବଳ'ର ଅଂଶ ନୁହେଁ, ଯାହାକୁ ରାଜ୍ୟ ସମ୍ବିଧାନର ଧାରା ୩୯ (ଖ) ଅନୁଯାୟୀ ପୁନଃ ବଣ୍ଟନ କରିବା ଆବଶ୍ୟକ ବୋଲି ଆଜି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଦର୍ଶାଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ୯ଜଣିଆ ବୃହତ ଖଣ୍ଡପୀଠ ଏ ସଂପର୍କିତ ଏକ ମାମଲାର

ବିଚାର କରି ରାୟରେ ଉଲ୍ଲେଖ କରିଛନ୍ତି ଯେ କିଛି ଘରୋଇ ସମ୍ପତ୍ତି ସଂପ୍ରଦାୟର ସ୍ଥାବର ସମ୍ବଳ ବର୍ଗରେ ପଡ଼ିପାରେ, ଯଦି ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଏବଂ ସଂପ୍ରଦାୟର ସେବାରେ ଆସୁଥାଏ । ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠଙ୍କ ପ୍ରଦତ୍ତ ଏହି ରାୟରେ ଜଷ୍ଟିସ୍ ବି.ଭି. ନାଗରତ୍ନା ଆଂଶିକ ସହମତ ହୋଇଥିଲେ ଏବଂ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଅସହମତି ପ୍ରକାଶ କରିଥିଲେ ।

ସୁପ୍ରିମକୋର୍ଟ ଆଜି ଏହି ରାୟ ଦେବା ସହ ପୂର୍ବ ବ୍ୟାଖ୍ୟାକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି, ଯେଉଁଥିରେ ଘରୋଇ ସମ୍ବଳକୁ ଗୋଷ୍ଠୀ ସମ୍ପତ୍ତି ଭାବରେ ବ୍ୟାପକ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ପ୍ରସଙ୍ଗରେ ପୂର୍ବ ବିବୃତ୍ତି ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରମିକୋର୍ଟ ଏହି ରାୟରେ ଉଲ୍ଲେଖ କରିଛନ୍ତି ।

## ପିଏମ୍-ମହା ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏକାଧିକ ର୍ୟାଲିକୁ ସମ୍ବୋଧିତ କରିବେ । ଏ ସଂପର୍କରେ ସୂଚନା ଦେଇ ମହାରାଷ୍ଟ୍ର ବିଜେପି ମୁଖ୍ୟ ଚନ୍ଦ୍ରଶେଖର ବାୱାନ୍‌କୁଲେ କହିଛନ୍ତି ପ୍ରଧାନମନ୍ତ୍ରୀ ଆସନ୍ତା ୮ ତାରିଖରେ ଧୁଲେ ଏବଂ ନାସିକ, ୯ ତାରିଖରେ ଅକୋଲା ଓ ନାନ୍‌ଦେଡ, ୧୨ ତାରିଖରେ ଚନ୍ଦ୍ରପୁର, ଚିମୁର୍, ସୋଲାପୁର, ପୁଣେ ଏବଂ ୧୪ ତାରିଖରେ ସମ୍ଭାଜୀ ନଗର, ନବୀମୁମ୍ବାଇ ଏବଂ ମୁମ୍ବାଇରେ ହେବାକୁ ଥିବା ନିର୍ବାଚନୀ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ ମହାରାଷ୍ଟ୍ରର ୨୮୮ଟି ବିଧାନସଭା ଆସନ ପାଇଁ ୪ ହଜାର ୧୪୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଆସନ୍ତା ୨୦ ତାରିଖରେ ମତଦାନ ଏବଂ ୨୩ ତାରିଖରେ ଭୋଟ୍ ଗଣତି ହେବ ।

## ୟୁଏସ୍-ପ୍ରେଜ୍ ପୋଲ୍ସ

ଆମେରିକାର ନୂଆ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆଜି ମତଦାନ ଅନୁଷ୍ଠିତ ହେବ । ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ କମଳା ହାରିସ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ରହିଛି । ଭାରତୀୟ ସମୟ ଅନୁଯାୟୀ ଆଜି ସନ୍ଧ୍ୟାରୁ ଆସନ୍ତାକାଲି ସକାଳ ୯ଟା ୩୦ ପର୍ଯ୍ୟନ୍ତ ମତଦାନ ହେବ । ଏହି ନିର୍ବାଚନ ପାଇଁ ସଂଖ୍ୟାଧିକ ମତଦାତା ପୂର୍ବରୁ ଡାକ ଜରିଆରେ ଭୋଟ ଦେଇସାରିଛନ୍ତି ।

ଏହି ନିର୍ବାଚନର ଭୋଟ୍ ଗଣତି ଆସନ୍ତାବର୍ଷ ଜାନୁଆରୀ ୬ ତାରିଖରେ ହେବ । ଯେଉଁ ପ୍ରାର୍ଥୀଙ୍କ ଭୋଟ୍ ସଂଖ୍ୟା ୨୭୦ ହେବ ସେ ରାଷ୍ଟ୍ରପତି ନିର୍ବାଚିତ ହେବ । ନୂଆ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୨୦ରୁ ଆରମ୍ଭ ହେବ ।

## ଜୟଶଙ୍କର-ଅଷ୍ଟ୍ରେଲିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କାନାଡାର ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି । ଆଜି ସକାଳେ କାନବେରାରେ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ଓ୍ୱଙ୍ଗ ଙ୍କ ସହ କରିଥିବା ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ଜୟଶଙ୍କର

କହିଥିଲେ ଯେ କାନାଡାରେ ଉଗ୍ରବାଦୀ ଶକ୍ତିକୁ ରାଜନୈତିକ ସ୍ଥାନ ଦିଆଯାଇଛି । କାନାଡା ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ ନ କରି ଅଭିଯୋଗ କରିବାର ଏକ ନୂଆ ଧାରା ସୃଷ୍ଟି କରିଛି । ଭାରତୀୟ କୂଟନୀତିଜ୍ଞଙ୍କ ଉପରେ କାନାଡା ନଜର ରଖିବା ଗ୍ରହଣୀୟ ନୁହେଁ । ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ଏହି ଆକ୍ରମଣକୁ ଭାରତୀୟ ସଂପ୍ରଦାୟ ପାଇଁ ଅଶ୍ୱସ୍ତିକର ବୋଲି କହିଛନ୍ତି । ସେ କହିଛନ୍ତି ସମସ୍ତ ଅଷ୍ଟ୍ରେଲିୟ ସେମାନଙ୍କର ବିଶ୍ୱାସ ଏବଂ ସଂସ୍କୃତି ନିର୍ବିଶେଷରେ ସୁରକ୍ଷିତ ରହିବା ଏବଂ ସମ୍ମାନିତ ହେବାର ଅଧିକାର ଅଛି ।

ଡକ୍ଟର ଜୟଶଙ୍କର ଆଜି ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷଙ୍କ ସହ ପଞ୍ଚଦଶ ଭାରତ-ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀଙ୍କ ଫ୍ରେମଓ୍ୱାର୍କ ବାର୍ତ୍ତାଳାପରେ ଅଂଶ ଗ୍ରହଣ କରିଥିଲେ । ଉଭୟ ମନ୍ତ୍ରୀ ଭାରତ ଏବଂ ଅଷ୍ଟ୍ରେଲିଆର ପଡ଼ୋଶୀ, ଭାରତ-ପ୍ରଶାନ୍ତ ମହାସାଗର, ପଶ୍ଚିମ ଏସିଆ, ୟୁକ୍ରେନ୍ ଏବଂ ବିଶ୍ୱ ରଣନୈତିକ ପରିଦୃଶ୍ୟ ଉପରେ ଆଲୋଚନା କରିଥିଲେ ।

## ଶାହା-ହିନ୍ଦୀ ସମିତି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତ ହେଉଛି ଏକ ମାତ୍ର ଦେଶ ଯେଉଁଠି ୧୧ଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି । ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ହିନ୍ଦୀକୁ ସୁଦୃଢ଼ କରିବା ଲାଗି ଦୁଇଟି ପ୍ରମୁଖ ପଦକ୍ଷେପର ଆବଶ୍ୟକତା ରହିଛି । ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ଦେବା ତଥା ସମସ୍ତ ଆଧୁନିକ ପାଠ୍ୟକ୍ରମକୁ ହିନ୍ଦୀ ଓ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଜରୁରୀ ବୋଲି ଶ୍ରୀ ଶାହା କହିଛନ୍ତି । ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ

ଜଗତ ପ୍ରସାଦ ନଡ୍ଡା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଉପସ୍ଥିତ ଥିଲେ ।

## ଆଇଟି ଆକ୍ଟ ସଜେସନ୍

ଆୟକର ଅଧିନିୟମରେ ସଂଶୋଧନ ନେଇ ଗତ ଏକ ମାସ ମଧ୍ୟରେ ବିଭାଗକୁ ୬ ହଜାର ୫୦୦ରୁ ଅଧିକ ପ୍ରସ୍ତାବ ମିଳିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆୟକର ଅଧିନିୟମ ୧୯୬୧ର ବ୍ୟାପକ ସମୀକ୍ଷା ନିମନ୍ତେ ବିଚାରବିମର୍ଶ ଲାଗି ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥମନ୍ତ୍ରୀ କହିଛନ୍ତି, ଆୟକର ଅଧିନିୟମ ସଂଶୋଧନ ନିମନ୍ତେ ୨୨ ଜଣିଆ ବିଶେଷଜ୍ଞଙ୍କୁ ନେଇ ଏକ ଉପ-କମିଟି ଗଠନ କରାଯାଇଛି ।

## ଦ୍ୱିତୀୟ ପର୍ଯ୍ୟାୟ ଭାରତ ଅଟା

ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ସ୍ଥିର ରଖିବା ସହିତ କୃଷକମାନଙ୍କୁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ନୂଆଦିଲ୍ଲୀରେ ଭାରତ ବ୍ରାଣ୍ଡ୍ ର ଚାଉଳ ଏବଂ ଅଟାର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି । ଭାରତ ବ୍ରାଣ୍ଡ୍ ଅଟା କିଲୋଗ୍ରାମ୍ ପିଛା ୩୦ ଟଙ୍କା ଏବଂ ଭାରତ ବ୍ରାଣ୍ଡ୍ ଚାଉଳ କିଲୋଗ୍ରାମ୍ ପିଛା ୩୪ ଟଙ୍କାରେ ଉପଲବ୍ଧ ହେଉଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ ଗଣମାଧ୍ୟମକୁ କହିଛନ୍ତି, ଭାରତ ବ୍ରାଣ୍ଡର ଅଟା ଏବଂ ଚାଉଳ ବିକ୍ରି ଫଳରେ ବଜାରରେ ସୁଲଭ ମୂଲ୍ୟରେ ଯୋଗାଣ ବୃଦ୍ଧି ପାଇବ ଏବଂ ଏହି

ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ କରିବାରେ ସହାୟକ ହେବ । ଭାରତ ବ୍ରାଣ୍ଡ୍ ର ଉତ୍ପାଦ କେନ୍ଦ୍ରୀୟ ଭଣ୍ଡାର, ନାଫେଡ୍ ଏବଂ NFCCF ଷ୍ଟୋର୍‌ରୁ କିଣାଯାଇ ପାରିବ ।

---

## ପାକ୍-ମେଜର ଆମେଣ୍ଡମେଣ୍ଟ

ପାକିସ୍ତାନର ନ୍ୟାସନାଲ୍ ଆସେମ୍ବ୍ଲିରେ ବିରୋଧୀ ଦଳଙ୍କ କଡ଼ା ବିରୋଧ ସତ୍ତ୍ୱେ ସେନା ପ୍ରମୁଖଙ୍କ ସହ ସଶସ୍ତ୍ର ସେବାର ପ୍ରମୁଖଙ୍କ କାର୍ଯ୍ୟକାଳ ୩ ବର୍ଷରୁ ୫ ବର୍ଷ ବୃଦ୍ଧି ନିମନ୍ତେ ଆଇନ୍‌ରେ ସଂଶୋଧନ କରାଯାଇଛି । ଏଥିସହିତ ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨ ଗୁଣ କରିବା ସମ୍ପର୍କିତ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଯଦି ରାଷ୍ଟ୍ରପତି ଆସିଫ୍ ଅଲ୍ଲି ଜର୍ଦ୍ଦାରୀ ଅନୁମୋଦନ ଲାଭ କରିଥିବା ବିଧେୟକକୁ ସ୍ୱୀକୃତି ପ୍ରଦାନ କରନ୍ତି ତେବେ ଏହା ଆଇନ୍‌ରେ ପରିଣତ ହେବ । ଗତକାଲି ନ୍ୟାସନାଲ୍ ଆସେମ୍ବ୍ଲିରେ ପାକିସ୍ତାନର ଆଇନ୍ ମନ୍ତ୍ରୀ ଆଜମ୍ ନଜିର୍ ତରାର ଏକ ବିଧେୟକ ଆଗତ କରି ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୭ରୁ ୩୪କୁ ବୃଦ୍ଧି କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ ।

---

## ଛଟ୍ ପୂଜା

ଦେଶର ବିଭିନ୍ନ ସ୍ଥାନରେ ଆଜିଠାରୁ ଛଟ୍ ପର୍ବ ଆରମ୍ଭ ହେଉଛି । ଚାରିଦିନ ବ୍ୟାପି ହେବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ଆଜି ନାହାଏ ଖାଏ ପାଳନ କରାଯାଉଛି । ବିଧି ଅନୁସାରେ ଦ୍ୱିତୀୟ ଦିନ ଖରନା ଅବସରରେ ନିର୍ଜଳା ବ୍ରତ କରାଯାଏ । ପୂଜାର ତୃତୀୟ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ସନ୍ଧ୍ୟାରେ ସୂର୍ଯ୍ୟଦେବ ଓ ଛଟ୍ ମାତାଙ୍କ

ପୂଜା କରାଯାଏ । ପରଦିନ ସକାଳେ ନଦୀଘାଟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇ ଆରାଧନା କରାଯାଏ ।

ବିହାରର ଗଙ୍ଗା, ଗଣ୍ଡକ, କୋଶୀ, ସ୍ୱର୍ଣ୍ଣ, କମଳାବାଲାମ୍, ବାଗମତୀ ଏବଂ ଅନ୍ୟାନ୍ୟ ନଦୀଘାଟରେ ଛଟ୍ ପୂଜା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସଫ୍ଟ-ଟେନିସ୍ ସିଲ୍‌ଭର

ଚୀନ୍‌ର ଜିଙ୍ଗ୍‌ସାନ୍ ଠାରେ ଚାଲିଥିବା ବିଶ୍ୱ ସଫ୍ଟ ଟେନିସ୍ ଚାମ୍ପିୟନ୍‌ସିପ୍‌ରେ ଭାରତର ତନୁଶ୍ରୀ ପାଣ୍ଡେ ରୌପ୍ୟ ପଦକ ହାସଲ କରିଛନ୍ତି । ଗତକାଲି ଅନୁଷ୍ଠିତ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ତନୁଶ୍ରୀ, ଚୀନ୍ ତାଇପେଇର ଚିୟାଙ୍ଗ୍ ମିନ୍ ୟୁଙ୍କ ଠାରୁ ୩-୪ ସେଟ୍‌ରେ ପରାସ୍ତ ହୋଇଥିଲେ । ପୂର୍ବରୁ ତନୁଶ୍ରୀ ସେମିଫାଇନାଲ୍ ମ୍ୟାଚ୍‌ରେ ଜାପାନ୍ ପ୍ରତିଦ୍ୱନ୍ଦ୍ୱିଙ୍କୁ ୪-୩ ସେଟ୍‌ରେ ପରାସ୍ତ କରିଥିବା ବେଳେ କ୍ୱାର୍ଟର ଫାଇନାଲ୍‌ରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱିଙ୍କୁ ମଧ୍ୟ ୪-୩ ସେଟ୍‌ରେ ପରାସ୍ତ କରିଥିଲେ ।